# ଧନପ୍ରତି

ଧନ, ନୀରବେ ଆସବୁ ରେ
ଗରବ ନ ଦେବୁ ମନେ,
ବିରତ ନ କରି ଅବିରତ ଥିବୁ
ବିବେକ ଅନୁଗମନେ ।

ପଡ଼ିଲେ ତୋ ପାଦ ଦେବି ଧନ୍ୟବାଦ
ତୋଷିବି ମୁଁ ସମାଦରେ,
କିନ୍ତୁ ଏ ଜଗତେ ଅନ୍ୟକୁ ବା ମତେ
ନ ପେଲିବୁ ପ୍ରମାଦରେ ।।୧ ।।

କରୁଛିଁ ଆୟାସ ହସି ହସି ଆସ
ହସାଇ ଆସିବା ଭଲ,
ରସାଇବୁ ନାହିଁ ଭସାଇବା ପାଇଁ
କରିବୁ ନା କଳବଳ ।।୨ ।।

ବଢ଼ାଇବୁ ଶାଖା ତହିଁରୁ ପ୍ରଶାଖା
ହେଉଥିବୁ ପଲ୍ଲବିତ,
କୁସ୍ଥାନ ନ ଯିବୁ କୁସା ନ ଅର୍ଜିବୁ
ନ ହେବୁ ଅପହ୍ନବିତ ।।୩ ।।

ଯଶ ଆହରଣେ ବିପଦ ହରଣେ
ନ ହେବୁ ଗତିକୁଣ୍ଠିତ,
ନୋହି ମୋରେ ଗୁରୁ ହେଉଥିବୁ ଗୁରୁ
ଭାବରେ ଅବଗୁଣ୍ଠିତ ।।୪ ।।

ଗୁଣ ଅରଜନେ ଗୁଣ ସରଜନେ
ନ ଦେଖିବୁ ନିଜ ପର,
ଗୁଣ ସଙ୍ଗେ ମିଶି ଗଲେ ଦିଶି ଦିଶି
ଦିଶିବୁ ହୋଇ ଅମର ।।୫ ।।